# ଅଧ୍ୟାୟ I: ଅବଲୋକନ

## 1.1 ଉପକ୍ରମ

ଏହି ପ୍ରତିବେଦନରେ 2019-20 ଅବଧିରେ ସାଧାରଣ ଓ ସାମାଜିକ କ୍ଷେତ୍ର ପରିସରଭୁକ୍ତ ରାଜ୍ୟ ସରକାରୀ ବିଭାଗ ଓ ସ୍ୱୟଂଶାସିତ ସଂସ୍ଥାଗୁଡ଼ିକର ସମୀକ୍ଷାରୁ ପ୍ରାପ୍ତ ବିଷୟ ବସ୍ତୁ ଅନ୍ତର୍ଭୁକ୍ତ । 2019-20 ଅବଧିରେ ପରିଚାଳିତ ସମୀକ୍ଷାର ଗୁରୁତ୍ୱପୂର୍ଣ୍ଣ ଫଳାଫଳକୁ ରାଜ୍ୟ ବିଧାନ ସଭାର ଧ୍ୟାନକୁ ଆଣିବା ହେଉଛି ଏହି ପ୍ରତିବେଦନର ପ୍ରାଥମିକ ଉଦ୍ଦେଶ୍ୟ । ଏହି ସମୀକ୍ଷା ଫଳାଫଳଗୁଡିକ କାର୍ଯ୍ୟନିର୍ବାହୀ ମାନଙ୍କୁ ପ୍ରତିକାରାତ୍ମକ ପଦକ୍ଷେପ ଗ୍ରହଣ କରିବା ସହିତ ନୀତି ଓ ନିର୍ଦ୍ଦେଶାବଳୀ ଗଠନ କରିବାରେ ସହାୟକ ହେବା ଆଶା କରାଯାଏ, ଯାହାକି ସଂଗଠନର ଉନ୍ନତ ଆର୍ଥିକ ପରିଚାଳନା ସହିତ ଉତ୍ତମ ଶାସନନୀତି ପ୍ରଚଳନରେ ସହାୟକ ହେବ ।

ଏହି ପ୍ରତିବେଦନ ନିମ୍ନ ବର୍ଣ୍ଣିତ ଦୁଇଟି ଅଧ୍ୟାୟରେ ସଂଗଠିତ କରାଯାଇଛି:

- **ଅଧ୍ୟାୟ** I ଅଧିନରେ 2019-20 ଅବଧିରେ ସାଧାରଣ ଓ ସାମାଜିକ କ୍ଷେତ୍ରର ଅବଲୋକନ ସହିତ ଏହି କ୍ଷେତ୍ରଗୁଡ଼ିକର ପରିସରଭୁକ୍ତ ବିଭାଗ ଗୁଡ଼ିକର ବିଗତ ପାଞ୍ଚ ବର୍ଷର ଖର୍ଚ୍ଚର ସଂକ୍ଷିପ୍ତ ବିଶ୍ଳେଷଣ, ସମୀକ୍ଷା ପ୍ରାଧିକାର, ସମୀକ୍ଷା ପରିସର, ସମୀକ୍ଷାର ଯୋଜନା ଓ ସଞ୍ଚାଳନ, ବିବିଧ ସମୀକ୍ଷା ଉତ୍ପାଦ ଯଥା ନୀରିକ୍ଷଣ ରିପୋର୍ଟ, ସମୀକ୍ଷା ଅନୁଚ୍ଛେଦ ଇତ୍ୟାଦି ଉପରେ ସରକାରଙ୍କ ପ୍ରତିକ୍ରିୟା ଓ ପ୍ରତିବେଦନ ଉପରେ ଅନୁବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ବିଷୟ ଅନ୍ତର୍ଭୁକ୍ତ କରାଯାଇଛି ।

- **ଅଧ୍ୟାୟ II** ଅଧିନରେ ବିଭିନ୍ନ ବିଭାଗ ଓ ସେଗୁଡ଼ିକର କାର୍ଯ୍ୟକାରୀ ସଂସ୍ଥାମାନଙ୍କର ଅନୁପାଳନ ସମୀକ୍ଷାରୁ ପ୍ରାପ୍ତ ଗୁରୁତ୍ୱପୂର୍ଣ୍ଣ ମନ୍ତବ୍ୟ ତଥା "ରାଜ୍ୟର ସହରାଞ୍ଚଳ ଗୁଡ଼ିକରେ ଜଳର ଗୁଣବତ୍ତା ପରିଚାଳନା" ଏବଂ "ରାଜ୍ୟରେ ଦେବୋତ୍ତର କମିଶନରଙ୍କ ଦ୍ୱାରା ଧାର୍ମିକ ଅନୁଷ୍ଠାନଗୁଡ଼ିକର ପରିଚାଳନା" ସମ୍ପର୍କିତ ଅନୁପାଳନ ସମୀକ୍ଷା ଅନ୍ତର୍ଭୁକ୍ତ କରାଯାଇଛି ।

## 1.2 ସାଧାରଣ ଓ ସାମାଜିକ କ୍ଷେତ୍ର ଏବଂ ସମୀକ୍ଷା ପରିସରର ପାର୍ଶ୍ୱଚିତ୍ର

ବଜେଟ୍ ପୁସ୍ତିକା ଅନୁଯାୟୀ ଓଡ଼ିଶା ସରକାର ବିଭିନ୍ନ ବିଭାଗ ସମ୍ପର୍କିତ 43 ଟି ଅନୁଦାନ କରିଥାନ୍ତି । 2019-20 ଅବଧିରେ 24 ଟି ଅନୁଦାନ ଅନ୍ତର୍ଗତ ବିଭିନ୍ନ ସ୍ତରର 11,997 ସଂସ୍ଥା ମହାଲେଖାକାର (ସାଧାରଣ ଓ ସାମାଜିକ କ୍ଷେତ୍ର), ଓଡ଼ିଶା କାର୍ଯ୍ୟାଳୟର ସମୀକ୍ଷା ପରିସରଭୁକ୍ତ । ରାଜ୍ୟ ଏକତ୍ରୀକୃତ ପାଣ୍ଠିରୁ ଆର୍ଥିକ ସହାୟତା ପ୍ରାପ୍ତ କିମ୍ବା କର୍ତ୍ତବ୍ୟ, କ୍ଷମତା ଓ ଚାକିରୀ ସର୍ତ୍ତାବଳୀ (ଡିପିସି) ଅଧିନିୟମ 1971 ର ବିଭିନ୍ନ ଧାରା ଭିତ୍ତିରେ ସରକାରଙ୍କ ଦ୍ୱାରା ମହାଲେଖା ନିୟନ୍ତ୍ରକ ତଥା ମହା ସମୀକ୍ଷକ (ସିଏଜି)ଙ୍କୁ ସମୀକ୍ଷା ଦାୟିତ୍ୱ ନ୍ୟସ୍ତ କରାଯାଇଥିବା 152 ଟି ସଂସ୍ଥା/ କର୍ତ୍ତୃପକ୍ଷଙ୍କ ସମୀକ୍ଷା ମଧ୍ୟ ଏହି କାର୍ଯ୍ୟାଳୟ ଦ୍ୱାରା ସମ୍ପାଦନ କରାଯାଇଥାଏ । ମହାଲେଖାକାର (ସାଧାରଣ ଓ ସାମାଜିକ କ୍ଷେତ୍ର ଲେଖା ପରୀକ୍ଷା) ଓଡ଼ିଶାଙ୍କ ସମୀକ୍ଷା ପରିସରଭୁକ୍ତ ବିଭାଗ, ସ୍ୱୟଂଶାସିତ ସଂସ୍ଥା ଓ କମ୍ପାନିଗୁଡ଼ିକର ତାଲିକା ***ପରିଶିଷ୍ଟ 1.1*** ରେ ଦର୍ଶାଯାଇଛି ।

ମହାଲେଖାକାର (ସାଧାରଣ ଓ ସାମାଜିକ କ୍ଷେତ୍ର ଲେଖା ପରୀକ୍ଷା) ଓଡ଼ିଶାଙ୍କ ସମୀକ୍ଷା ପରିରଭୁକ୍ତ ଥିବା ଗୁରୁତ୍ୱପୂର୍ଣ୍ଣ ବିଭାଗ ଗୁଡ଼ିକର 2015-20 ଅବଧିରେ ହୋଇଥିବା ଖର୍ଚ୍ଚର ବିବରଣ ***ସାରଣୀ 1.1*** ରେ ଦର୍ଶାଯାଇଛି ।

**ସାରଣୀ 1.1 ମହାଲେଖାକାର (ସାଧାରଣ ଓ ସାମାଜିକ କ୍ଷେତ୍ର, ଲେଖା ପରୀକ୍ଷା), ଓଡ଼ିଶାଙ୍କ ସମୀକ୍ଷା ପରିସରଭୁକ୍ତ ବିଭାଗ ଗୁଡ଼ିକର ବ୍ୟୟର ବିବରଣ ବର୍ଷ 2015-16 ଠାରୁ 2019-20**

*(ଟଙ୍କା କୋଟିରେ)*

| କ୍ରମିକ ସଂଖ୍ୟା | ବିଭାଗର ନାମ | 2015-16 | 2016-17 | 2017-18 | 2018-19 | 2019-20 |
|---|---|---|---|---|---|---|
| 1. | ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି | 213.02 | 209.69 | 274.07 | 131.38 | 158.94 |
| 2. | ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି | 110.83 | 111.25 | 99.19 | 112.87 | 134.79 |
| 3. | ଅର୍ଥ | 6,719.98 | 7,213.97 | 10,520.15 | 12,351.26 | 16,438.34 |
| 4. | ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ | 1,269.43 | 1,081.54 | 988.59 | 1,224.46 | 1,426.21 |
| 5. | ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ | 3,724.14 | 4,817.09 | 4,928.42 | 5,800.46 | 6,378.67 |
| 6. | ଉଚ୍ଚ ଶିକ୍ଷା | 1,944.62 | 1,973.94 | 1,792.21 | 2,009.55 | 2,069.42 |
| 7. | ଗୃହ | 3,379.99 | 3,585.35 | 4,198.73 | 4,923.19 | 4,953.14 |
| 8. | ଗୃହ ନିର୍ମାଣ ଓ ନଗର ଉନ୍ନୟନ | 2,721.88 | 3,075.76 | 4,683.27 | 4,540.75 | 5,258.03 |
| 9. | ପଞ୍ଚାୟତି ରାଜ ଓ ପାନୀୟ ଜଳ | 7,652.22 | 8,345.96 | 9,302.11 | 15,426.37 | 16,856.22 |
| 10. | ଯୋଜନା ଓ ଅଭିସରଣ | 764.06 | 785.32 | 992.12 | 987.37 | 707.84 |
| 11. | ରାଜସ୍ୱ ଓ ବିପର୍ଯ୍ୟୟର ପରିଚାଳନା | 3,257.10 | 3,291.03 | 1,992.70 | 931.75 | 1,013.64 |
| 12. | ଗ୍ରାମ୍ୟ ଉନ୍ନୟନ | 6,609.27 | 7,276.61 | 7,392.33 | 7,289.79 | 3,325.78 |
| 13. | ବିଦ୍ୟାଳୟ ଓ ଗଣଶିକ୍ଷା | 9,049.63 | 9,774.15 | 12,058.59 | 14,161.88 | 15,292.46 |
| 14. | ଭିନ୍ନକ୍ଷମ ବ୍ୟକ୍ତିଙ୍କ ସାମାଜିକ ସୁରକ୍ଷା ଓ ସଶକ୍ତିକରଣ | 0 | 1,746.13 | 1,914.79 | 2,257.12 | 3,450.64 |
| 15. | କ୍ରୀଡ଼ା ଓ ଯୁବ ବ୍ୟାପାର | 85.15 | 102.82 | 250.39 | 418.08 | 249.09 |
| 16. | ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟା ଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ | 2,508.60 | 2,542.57 | 2,851.83 | 3,220.68 | 2,764.93 |
| 17. | ମହିଳା ଓ ଶିଶୁ ବିକାଶ ଓ ମିଶନ ଶକ୍ତି | 3,812.51 | 2,109.05 | 2,266.84 | 3,163.51 | 3,229.68 |

***(ଉତ୍ସ: ଓଡ଼ିଶା ସରକାରଙ୍କ 2015-16 ଠାରୁ 2019-20 ପାଇଁ ଖର୍ଚ୍ଚ ଲେଖା)***

# *କ୍ରମିକ ସଂଖ୍ୟା 14 ଜୁଲାଇ 2015 ଠାରୁ କାର୍ଯ୍ୟକାରୀ ହୋଇଥିଲା । 2016-17 ପରଠାରୁ ପୃଥକ ଅନୁଦାନରେ ଆବଣ୍ଟନ ନିଆଯାଇଥିଲା ।*

ବସତି ଗୁଡ଼ିକୁ ବକ୍ସି ଜଗବନ୍ଧୁ ନିଶ୍ଚିତ ଜଳ ଯୋଗାଣ (ବସୁଧା) ଓ ଗୋପବନ୍ଧୁ ଗ୍ରାମ୍ୟ ଯୋଜନା ଭଳି ଯୋଜନା ନିମନ୍ତେ ଅଧିକ ଅର୍ଥ ବ୍ୟବସ୍ଥା ଏବଂ ପଞ୍ଚାୟତିରାଜ ସଂସ୍ଥାଗୁଡ଼ିକୁ ଅଧିକ ଅର୍ଥ ପ୍ରଦାନ ହେତୁ 2019-20 ବର୍ଷରେ ପଞ୍ଚାୟତି ରାଜ ଓ ପାନୀୟ ଜଳ ବିଭାଗର ଖର୍ଚ୍ଚ 2018-19 ବର୍ଷ ଅପେକ୍ଷା 1,429.85 କୋଟି ଟଙ୍କା (9.27 ପ୍ରତିଶତ) ବୃଦ୍ଧି ହୋଇଥିଲା । ପେନ୍‌ସନ୍ ଦେୟରେ ବୃଦ୍ଧି ହେତୁ 2019-20 ବର୍ଷରେ ଅର୍ଥ ବିଭାଗର ବ୍ୟୟ 2018-19 ବର୍ଷ ତୁଳନାରେ 4,087.08 କୋଟି ଟଙ୍କା (33 ପ୍ରତିଶତ) ଅଧିକ ହୋଇଥିଲା । ବୟସ୍କ,

ଭିନ୍ନକ୍ଷମ, ନିରାଶ୍ରିତ ନାଗରିକମାନଙ୍କୁ ପେନ୍‌ସନ୍ ଭଳି ସାମାଜିକ ନିରାପତ୍ତା ଯୋଜନା ବାବଦରେ ବ୍ୟୟ ବରାଦ ବୃଦ୍ଧି ଯୋଗୁଁ ଭିନ୍ନକ୍ଷମ ବ୍ୟକ୍ତିଙ୍କ ସାମାଜିକ ନିରାପତ୍ତା ଓ ସଶକ୍ତିକରଣ ବିଭାଗ କ୍ଷେତ୍ରରେ 2018-19 ବର୍ଷ ଅପେକ୍ଷା 2019-20 ବର୍ଷରେ 1,193.52 କୋଟି ଟଙ୍କା (53 ପ୍ରତିଶତ) ଅଧିକ ବ୍ୟୟ ହୋଇଥିଲା ।

ଗ୍ରାମ୍ୟ ଉନ୍ନୟନ ବିଭାଗରେ 2018-19 ବିଗତ ବର୍ଷ ତୁଳନାରେ 2019-20 ବର୍ଷରେ 3,964.01 କୋଟି ଟଙ୍କାର (54.38 ପ୍ରତିଶତ) ବ୍ୟୟ ହ୍ରାସ ମୁଖ୍ୟତଃ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାର ବ୍ୟୟ ବରାଦ ହ୍ରାସ ଓ କଳାହାଣ୍ଡି-ବଲାଙ୍ଗୀର-କୋରାପୁଟ (କେବିକେ) ଅଞ୍ଚଳ ପାଇଁ ସ୍ୱତନ୍ତ୍ର କେନ୍ଦ୍ରୀୟ ସହାୟତା ନିମନ୍ତେ ଅର୍ଥ ବ୍ୟବସ୍ଥା ହୋଇନଥିବା ଯୋଗୁଁ ଘଟିଥିଲା ।

## 1.3 ସମୀକ୍ଷା ପାଇଁ ପ୍ରାଧିକାର

ସିଏଜିଙ୍କ ଦ୍ୱାରା ସମୀକ୍ଷା ପାଇଁ ପ୍ରାଧୀକାରକୁ ଭାରତୀୟ ସମ୍ବିଧାନର ଧାରା 149 ଓ 151 ଏବଂ ମହାଲେଖା ନିୟନ୍ତ୍ରକ ତଥା ମହା ସମୀକ୍ଷକଙ୍କ କର୍ତ୍ତବ୍ୟ, କ୍ଷମତା ଓ ଚାକିରୀର ସର୍ତ୍ତାବଳୀ ଅଧିନିୟମ 1971 (ଡିପିସି ଅଧିନିୟମ)ରୁ ଅଣାଯାଇଛି । ସିଏଜିଙ୍କ ଡିପିସି ଅଧିନିୟମ 1971 ର ଧାରା 13 ଅଧିନରେ ସିଏଜି ଓଡ଼ିଶା ସରକାରଙ୍କ ବିଭାଗ ଗୁଡ଼ିକର ବ୍ୟୟ ସମୀକ୍ଷା କରନ୍ତି । ସିଏଜିଙ୍କ ଡିପିସି ଅଧିନିୟମ ଧାରା 19(2) ଓ 19(3) ଅଧିନରେ ସମୀକ୍ଷକ ସ୍ୱୟଂଶାସିତ ସଂସ୍ଥାଗୁଡ଼ିକର ସିଏଜି ଏକମାତ୍ର ସମୀକ୍ଷକ ଅଟନ୍ତି । ଏଥିସହିତ ଡିପିସି ଅଧିନିୟମର ଧାରା 14 ଅନୁଯାୟୀ ସରକାରଙ୍କ ଦ୍ୱାରା ଅଧିକାଂଶ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିବା ସ୍ୱୟଂଶାସିତ ସଂସ୍ଥା ଏବଂ ଧାରା 20(1) ଅନୁଯାୟୀ ସ୍ଥାନୀୟ ନିକାୟ ଗୁଡ଼ିକର ସମୀକ୍ଷା ମଧ୍ୟ ସିଏଜିଙ୍କ ଦ୍ୱାରା ସମ୍ପାଦିତ ହୋଇଥାଏ । ବିଭିନ୍ନ ସମୀକ୍ଷା ପାଇଁ ନୀତି ଏବଂ ପଦ୍ଧତି ସିଏଜିଙ୍କ ଦ୍ୱାରା ପ୍ରଣୀତ ରେଗୁଲେସନ ଅନ୍ ଅଡିଟ୍ ଆଣ୍ଡ ଆକାଉଣ୍ଟସ 2007 ତଥା ଭାରତୀୟ ସମୀକ୍ଷା ଏବଂ ଲେଖା ବିଭାଗ ଦ୍ୱାରା ଅଡିଟିଂ ଷ୍ଟାଣ୍ଡାର୍ଡରେ ବର୍ଣ୍ଣିତ ହୋଇଛି ।

## 1.4 ସମୀକ୍ଷାର ଯୋଜନା ଏବଂ ସଞ୍ଚାଳନ

ବାର୍ଷିକ ସମୀକ୍ଷା ଯୋଜନା ଅନୁଯାୟୀ ଅନୁପାଳନ ସମୀକ୍ଷା ସଞ୍ଚାଳନ କରାଯାଇଥାଏ । ଶୀର୍ଷ ୟୁନିଟ୍, ସମୀକ୍ଷା ୟୁନିଟ୍ ଓ କାର୍ଯ୍ୟକାରୀ ସଂସ୍ଥା ଗୁଡ଼ିକର ଆର୍ଥିକ ଗୁରୁତ୍ୱ, ସାମାଜିକ ପ୍ରାଥମିକତା/ ଆଭ୍ୟନ୍ତରୀଣ ନିୟନ୍ତ୍ରଣ ବ୍ୟବସ୍ଥା, ଅତୀତରେ ଘଟିଥିବା ତୋଷାରପାତ, ଅର୍ଥର ଅପବ୍ୟବହାର, ଅର୍ଥ ଆତ୍ମସାତ, ଇତ୍ୟାଦି ସହ ଜଡ଼ିତ ସାମ୍ଭାବ୍ୟ ତ୍ରୁଟିର ଆକଳନ ତଥା ପୂର୍ବ ସମୀକ୍ଷାର ଫଳାଫଳ ଆଧାରରେ ଅନୁପାଳନ ସମୀକ୍ଷା ପାଇଁ ୟୁନିଟ୍ ଚୟନ କରାଯାଇଥାଏ ।

ସମୀକ୍ଷା ସମାପ୍ତି ପରେ, ୟୁନିଟର ମୁଖ୍ୟଙ୍କୁ ନିରୀକ୍ଷଣ ରିପୋର୍ଟ ଜାରି କରାଯାଏ । ପ୍ରାପ୍ତ ଉତ୍ତର ଆଧାରରେ ସମୀକ୍ଷା ସିଦ୍ଧାନ୍ତ ଗୁଡ଼ିକୁ ବ୍ୟବସ୍ଥିତ କରାଯାଏ କିମ୍ବା ଅନୁପାଳନ ପାଇଁ ପୁନଶ୍ଚ ଉପଦେଶ ଦିଆଯାଏ । ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ସିଦ୍ଧାନ୍ତ ଗୁଡ଼ିକୁ ସମୀକ୍ଷା ପ୍ରତିବେଦନରେ ଅନ୍ତର୍ଭୁକ୍ତ କରିବା ନିମିତ୍ତ ଏହା ଡ୍ରାଫ୍ଟ ଅନୁଚ୍ଛେଦ ଭାବରେ ପୁନଶ୍ଚ ପ୍ରୋସେସ୍ କରାଯାଏ ।

ଅନୁଚ୍ଛେଦ ଗୁଡ଼ିକୁ ସମୀକ୍ଷା ପ୍ରତିବେଦନରେ ଅନ୍ତର୍ଭୁକ୍ତ କରିବା ସମୟରେ ବିଭାଗ ଗୁଡ଼ିକ ଦ୍ୱାରା ପ୍ରଦତ୍ତ ଯଥାରୀତି ଉତ୍ତର ତଥା ପ୍ରସ୍ଥାନ ସମ୍ମିଳନୀରେ ବିଭାଗ ମୁଖ୍ୟଙ୍କ ଦ୍ୱାରା କରାଯାଇଥିବା ମତଗୁଡ଼ିକୁ ଯତ୍ନପୂର୍ବକ ବିଚାରକୁ ନିଆଯାଏ, ଭାରତୀୟ ସମ୍ବିଧାନର ଧାରା 151 ଅନୁଯାୟୀ ସମୀକ୍ଷା ପ୍ରତିବେଦନ ରାଜ୍ୟ ବିଧାନ ସଭାର ଉପସ୍ଥାପନ କରାଯାଏ ।

## 1.5 ଅଡିଟକୁ ଜବାବ ପ୍ରଦାନରେ ସରକାରଙ୍କ ତତ୍ପରତାର ଅଭାବ

### *1.5.1 ନିରୀକ୍ଷଣ ରିପୋର୍ଟ ଉପରେ ସରକାରଙ୍କ ଜବାବ ପ୍ରଦାନ*

ଦେଣନେଣରେ ଧାର୍ଯ୍ୟ ନିୟମଗୁଡ଼ିକର ଅନୁପାଳନ ଓ ଧାର୍ଯ୍ୟ ନିୟମ ତଥା ପଦ୍ଧତି ଅନୁଯାୟୀ ଗୁରୁତ୍ୱପୂର୍ଣ୍ଣ ହିସାବ ସମ୍ପର୍କିତ ତଥା ନଥିଗୁଡ଼ିକର ପ୍ରଚଳନ ବିଷୟକୁ ତଦାରଖ କରିବା ନିମନ୍ତେ ମହାଲେଖାକାର (ଲେଖାପରୀକ୍ଷା-I) ସରକାରୀ ବିଭାଗ ଗୁଡ଼ିକର ସମୀକ୍ଷା କରିଥାନ୍ତି । ସମୀକ୍ଷା ସମାପ୍ତ ହେବା ପରେ ନିରୀକ୍ଷଣ ରିପୋର୍ଟ (ଆଇଆର) ଗୁଡ଼ିକ ନିରୀକ୍ଷିତ କାର୍ଯ୍ୟାଳୟର ମୁଖ୍ୟଙ୍କ ନିକଟକୁ ପଠାଇବା ସହିତ ଏହାର ନକଲ ପରବର୍ତ୍ତୀ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟକୁ ପଠାଯାଇଥାଏ । ନିରୀକ୍ଷଣ ସମୟରେ ଚିହ୍ନଟ କରାଯାଇଥିବା ଗୁରୁତର ଅନିୟମିତତା ଓ ଅନ୍ୟାନ୍ୟ ତ୍ରୁଟି, ଯାହାର ସମାଧାନ ସେହି ସମୟ ମଧ୍ୟରେ ହୋଇପାରି ନଥାଏ, ସେଗୁଡ଼ିକୁ ନିରୀକ୍ଷଣ ରିପୋର୍ଟରେ ସ୍ଥାନିତ କରାଯାଏ । ମହାଲେଖାକାରଙ୍କ କାର୍ଯ୍ୟାଳୟ ଗୁରୁତର ଅନିୟମିତତାଗୁଡ଼ିକ ବାବଦରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥାନ୍ତି ।

ରେଗୁଲେସନ୍ ଅନ୍ ଅଡିଟ୍ ଆଣ୍ଡ ଆକାଉଣ୍ଟସ୍ 2007 ଅନୁଯାୟୀ ନିରୀକ୍ଷିତ ସଂସ୍ଥା ଦାୟିତ୍ୱରେ ଥିବା ଅଧିକାରୀ ନିରୀକ୍ଷଣ ରିପୋର୍ଟ ସମ୍ପର୍କିତ ଜବାବ ରିପୋର୍ଟ ହସ୍ତଗତ ହେବାର ଚାରି ସପ୍ତାହ ମଧ୍ୟରେ ଦାଖଲ କରିବା ଆବଶ୍ୟକ । ଅଡିଟ୍ ଦ୍ୱାରା ଆଗତ କରାଯାଇଥିବା କୌଣସି ଗୁରୁତର ତ୍ରୁଟିକୁ ପ୍ରାଥମିକ ତଦନ୍ତ କରି ମାମଲାର ସତ୍ୟାସତ୍ୟକୁ ସ୍ୱୀକାର କିମ୍ବା ଅସ୍ୱୀକାର କରିବା ବିଷୟକୁ ଅବଗତ ହେବାର ଛଅ ସପ୍ତାହ ମଧ୍ୟରେ ସରକାର ଅଡିଟକୁ ଜଣାଇବା ଆବଶ୍ୟକ । ପ୍ରାଥମିକ ରିପୋର୍ଟରେ ମାମଲାରେ ସତ୍ୟତାକୁ ଅସ୍ୱୀକାର ନକରିବା କ୍ଷେତ୍ରରେ ସରକାର ପ୍ରାଥମିକ ରିପୋର୍ଟର ତିନି ମାସ ମଧ୍ୟରେ ତ୍ରୁଟିର ପୁନରାବୃତ୍ତିକୁ ରୋକିବା ପାଇଁ ନେଇଥିବା ପ୍ରତିକାରାତ୍ମକ ପଦକ୍ଷେପ ଓ ତ୍ରୁଟି ପାଇଁ ଦାୟୀ କର୍ମଚାରୀଙ୍କ ବିରୋଧରେ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ବିଷୟକୁ ସୂଚିତ ପୂର୍ବକ ଏକ ବିସ୍ତୃତ ରିପୋର୍ଟ ଅଡିଟକୁ ପ୍ରଦାନ କରିବା ଆବଶ୍ୟକ ଅଟେ ।

ଏତଦ୍‌ବ୍ୟତୀତ, ଧାର୍ଯ୍ୟ ନିୟମ ଓ ପଦ୍ଧତି ଗୁଡ଼ିକର ଅନୁପାଳନ ଦିଗରେ ସମୟୋଚିତ ପ୍ରତିକାରାତ୍ମକ ପଦକ୍ଷେପ ଓ ନିରୀକ୍ଷଣ ସମୟରେ ଚିହ୍ନଟ ହୋଇଥିବା ସ୍ୱଚ୍ଛତା, ତ୍ରୁଟି ଇତ୍ୟାଦି ପାଇଁ ଉତ୍ତରଦାୟୀ ରହିବା ବିଷୟକୁ ସୁନିଶ୍ଚିତ କରିବା ପାଇଁ ମହାଲେଖାକାର ପ୍ରଦତ୍ତ ନିରୀକ୍ଷଣ ରିପୋର୍ଟ ଉପରେ ତ୍ୱରିତ ପଦକ୍ଷେପ ଗ୍ରହଣ କରିବା ନିମନ୍ତେ ଓଡ଼ିଶା ସରକାରଙ୍କ ଅର୍ଥ ବିଭାଗ ମଧ୍ୟ ସମୟ ସମୟ କ୍ରମେ ନିର୍ଦ୍ଦେଶ ଜାରି କରିଥିଲେ ।

ଅମୀମାଂସିତ ନିରୀକ୍ଷଣ ରିପୋର୍ଟ ଅନ୍ତର୍ଗତ ଅମୀମାଂଶିତ ସମୀକ୍ଷା ମନ୍ତବ୍ୟ ଗୁଡ଼ିକର ତଥା ସମାଧାନକୁ ସୁଗମ କରିବା ପାଇଁ, ଅମୀମାଂସିତ ନିରୀକ୍ଷଣ ରିପୋର୍ଟର ସ୍ଥିତି ବିଷୟ ଉଲ୍ଲେଖି ଥାଇ ଏକ ଷାଣ୍ମାସିକ ରିପୋର୍ଟ ସଂପୃକ୍ତ ବିଭାଗର ପ୍ରମୁଖ ସଚିବ/ ସଚିବଙ୍କ ନିକଟକୁ ପଠାଯାଇଥାଏ ।

24 ଟି ବିଭାଗ ଅନ୍ତର୍ଗତ 11,997 ଟି କାର୍ଯ୍ୟାଳୟ ବାବଦରେ ମାର୍ଚ୍ଚ 2020 ସୁଦ୍ଧା ପଠାଯାଇଥିବା ନିରୀକ୍ଷଣ ରିପୋର୍ଟ ଦର୍ଶାଇଥିଲା ଯେ 10,394 ନିରୀକ୍ଷଣ ରିପୋର୍ଟ ଅନ୍ତର୍ଗତ 48,193 ଟି ଅନୁଚ୍ଛେଦ ଜୁନ୍ 2020 ସୁଦ୍ଧା ଅମୀମାଂସିତ ଅବସ୍ଥାରେ ରହିଥିଲା । ଅପ୍ରେଲ 2019 ଠାରୁ ମାର୍ଚ୍ଚ 2020 ମଧ୍ୟରେ ପଠାଯାଇଥିବା 17 ଟି ବିଭାଗ ସମ୍ପର୍କିତ 217 ଟି ନିରୀକ୍ଷଣ ରିପୋର୍ଟ ମଧ୍ୟରୁ 12 ଟି ବିଭାଗ ସମ୍ପର୍କିତ ମାତ୍ର 44 ଟି ନିରୀକ୍ଷଣ ରିପୋର୍ଟର ଜବାବ ପ୍ରାପ୍ତ ହୋଇଥିଲା ।

ଅମୀମାଂସିତ ନିରୀକ୍ଷଣ ରିପୋର୍ଟ ଓ ଅନୁଚ୍ଛେଦଗୁଡିକର ବିଭାଗୱାରୀ ଏବଂ ବର୍ଷୱାରୀ ସ୍ଥିତି ***ପରିଶିଷ୍ଟ 1.2*** ରେ ଦର୍ଶାଯାଇଛି ।

ଅମୀମାଂସିତ ନିରୀକ୍ଷଣ ରିପୋର୍ଟରେ ସରକାରୀ ଅର୍ଥର ଚୋରି, ତୋଷରଫ, ଅବ୍ୟବହାର ଇତ୍ୟାଦି ରାଜସ୍ୱ ହାନି ଓ ନିଅଣ୍ଟ ଏବଂ ଅନାଦେୟ/ ହିସାବରୁ ବାଦ୍ ଜନିତ କ୍ଷତି ସମ୍ପର୍କିତ 1,149.58 କୋଟି ଟଙ୍କାର 998 ଟି ଅନୁଚ୍ଛେଦ ରହିଛ । ଗୁରୁତ୍ୱପୂର୍ଣ୍ଣ ଅମୀମାଂସିତ ଅନୁଚ୍ଛେଦ ଗୁଡ଼ିକର ବିଭାଗୱାରୀ ଓ ପ୍ରକାର ଭିତ୍ତିକ ବିଶ୍ଲେଷଣ ***ପରିଶିଷ୍ଟ 1.3*** ରେ ଦର୍ଶାଯାଇଛି ।

ସାଧାରଣ ଓ ସାମାଜିକ କ୍ଷେତ୍ର ଅନ୍ତର୍ଗତ 24 ଟି ବିଭାଗ ମଧ୍ୟରୁ 14 ଟି ବିଭାଗ କ୍ଷେତ୍ରରେ ଅମୀମାଂସିତ ନିରୀକ୍ଷଣ ରିପୋର୍ଟ/ ଅନୁଚ୍ଛେଦ ଗୁଡ଼ିକର ଦ୍ରୁତ ସମାଧାନ ନିମନ୍ତେ ସଂପୃକ୍ତ ପ୍ରଶାସନିକ ବିଭାଗ, ଅର୍ଥ ବିଭାଗ ଏବଂ ଅଡିଟ୍ ପ୍ରତିନିଧି ମାନଙ୍କୁ ନେଇ ଗଠିତ ତ୍ରିକୋଣୀୟ କମିଟିର 141 ଟି ବୈଠକ ଅନୁଷ୍ଠିତ ହୋଇଥିଲା । ଅବଶିଷ୍ଟ 10 ଟି ବିଭାଗ ପାଇଁ ତ୍ରିକୋଣୀୟ କମିଟି ବୈଠକ ଅନୁଷ୍ଠିତ ହୋଇନଥିଲା । ଏହି 14 ଟି ବିଭାଗ ପାଇଁ ଅପ୍ରେଲ 2019 ରୁ ମାର୍ଚ୍ଚ 2020 ମଧ୍ୟରେ ଅନୁଷ୍ଠିତ ହୋଇଥିବା ତ୍ରିକୋଣୀୟ ବୈଠକରେ 1,949 ଟି ଅନୁଚ୍ଛେଦ ଓ 195 ଟି ନିରୀକ୍ଷଣ ରିପୋର୍ଟର ସମାଧାନ ହୋଇଥିଲା ।

ଧାର୍ଯ୍ୟ ସମୟ ସୀମା ମଧ୍ୟରେ (i) ନିରୀକ୍ଷଣ ରିପୋର୍ଟ/ ଅନୁଚ୍ଛେଦ ଗୁଡ଼ିକର ଜବାବ ଦାଖଲରେ ବିଫଳ ହୋଇଥିବା କର୍ମଚାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ (ii) କ୍ଷତି/ ଅଗ୍ରୀମ/ ଅଧିକ ଅର୍ଥ ପ୍ରଦାନ ଇତ୍ୟାଦିର ଭରଣା ଏବଂ (iii) ପ୍ରତ୍ୟେକ ଅଡିଟ୍ କମିଟିର ପ୍ରତି ତିନି ମାସରେ ସର୍ବନିମ୍ନ ଗୋଟିଏ ବୈଠକ ଅନୁଷ୍ଠିତ କରିବା ବିଷୟକୁ ସୁନିଶ୍ଚିତ କରିବା ନିମନ୍ତେ ସରକାରଙ୍କ ଦ୍ୱାରା ଏକ ପଦ୍ଧତି ପ୍ରଚଳନ କରିବା ପାଇଁ ସୁପାରିଶ କରାଗଲା ।

### 1.5.2 *ସମୀକ୍ଷା ପରିସରକୁ ଅବମାନନା*

ଡିପିସି ଅଧିନିୟମର ଧାରା 18(1) (ଖ) ଧାର୍ଯ୍ୟ କରିଛି ଯେ କର୍ତ୍ତବ୍ୟ ସମାପନ କରିବା ସମୟରେ ସିଏଜିଙ୍କ ପରିସରଭୁକ୍ତ କାର୍ଯ୍ୟକ୍ରମ ସହ ସମ୍ପର୍କ ଥିବା କାର୍ଯ୍ୟକ୍ରମର ଆଧାର ସାଜିଥିବା ଅଥବା ପ୍ରାସଙ୍ଗିକତା ରଖିଥିବା କୌଣସି ଲେଖା, ପୁସ୍ତକ, କାଗଜପତ୍ର ତଥା ଅନ୍ୟାନ୍ୟ ଦସ୍ତାବିଜ ଗୁଡ଼ିକୁ ମଗାଇବା ସିଏଜିଙ୍କର ପ୍ରାଧିକାର । ଅଡିଟ୍ ଆବଶ୍ୟକ କରୁଥିବା ତଥ୍ୟ, ସୂଚନା ତଥା ଅନ୍ୟାନ୍ୟ ଦସ୍ତାବିଜଗୁଡ଼ିକୁ ଠିକ୍ ସମୟରେ ଉପଲବ୍ଧ କରାଇବା ବିଷୟକୁ ସୁନିଶ୍ଚିତ କରିବା ପାଇଁ ପ୍ରତ୍ୟେକ ବିଭାଗ କିମ୍ବା ସଂସ୍ଥା ଏକ ସକ୍ରିୟ ବ୍ୟବସ୍ଥା ପରିଚାଳନା କରିବା ବିଷୟ ରେଗୁଲେସନ ଅନ୍ ଅଡିଟ୍ ଆଣ୍ଡ ଆକାଉଣ୍ଟସ୍ 2007 ରେ ବର୍ଣ୍ଣନା କରାଯାଇଅଛି, ଯାହାକି ଡିପିସି ଅଧିନିୟମରେ ଥିବା ବ୍ୟବସ୍ଥାକୁ ପ୍ରଭାବଶାଳୀ କରେ । ଆହୁରି ମଧ୍ୟ ସୂଚନା ପ୍ରଯୁକ୍ତି (ସଂଶୋଧିତ) ଅଧିନିୟମ 2008 ର ଧାରା 7(କ) ବ୍ୟବସ୍ଥିତ କରେ ଯେ ପ୍ରଚଳିତ କୌଣସି ଆଇନରେ ଦସ୍ତାବିଜ, ନଥି ଓ ସୂଚନାରେ ସମୀକ୍ଷା ବିଷୟ ଉଲ୍ଲେଖ ଥିଲେ ଇଲେକ୍ଟ୍ରୋନିକ୍ସ ରୂପରେ ରଖାଯାଇଥିବା ଦସ୍ତାବିଜ ଓ ସୂଚନାର ସମୀକ୍ଷା କ୍ଷେତ୍ରରେ ମଧ୍ୟ ସେହି ବ୍ୟବସ୍ଥା ପ୍ରୟୋଗ କରାଯିବ ।

ଏହିପରି ସ୍ୱଷ୍ଟ ବ୍ୟବସ୍ଥା ସତ୍ତ୍ୱେ ଅଡିଟକୁ ନଥିପତ୍ର ଗୁଡ଼ିକୁ ଯୋଗାଇ ନଦେବାର ଦୃଷ୍ଟାନ୍ତ ଥିଲା ଯାହା ସମୀକ୍ଷାର ପ୍ରଭାବକୁ ପ୍ରତିହତ କରିଥିଲା । ଅପ୍ରେଲ 2019 ଠାରୁ ଜୁଲାଇ 2020 ମଧ୍ୟରେ ସମୀକ୍ଷା କରାଯାଇଥିବା ବିଭିନ୍ନ ବିଭାଗ ଅନ୍ତର୍ଗତ 520 ଟି ୟୁନିଟ ମଧ୍ୟରୁ ତିନୋଟି ବିଭାଗ ଅଧିନସ୍ଥ ନଅଟି ୟୁନିଟ ସମୀକ୍ଷା ଯାଞ୍ଚ ସମୟରେ ଅଡିଟ୍ ଆବଶ୍ୟକ କରୁଥିବା କାରବାର ସଂକ୍ରାନ୍ତ 3.43 କୋଟି ଟଙ୍କାର ଭାଉଚର ଉପଲବ୍ଧ କରାଇନଥିଲେ ଯାହା ***ପରିଶିଷ୍ଟ 1.4*** ରେ ଦର୍ଶାଯାଇଛି ।

## 1.6 ଡ୍ରାଫ୍ଟ ସମୀକ୍ଷା ଅନୁଚ୍ଛେଦଗୁଡ଼ିକ ଉପରେ ବିଭାଗ ଗୁଡ଼ିକର ପଦକ୍ଷେପ

ରେଗୁଲେସନ୍ ଅନ୍ ଅଡିଟ୍ ଆଣ୍ଡ ଆକାଉଣ୍ଟସ୍ 2007 ଅନୁଯାୟୀ ଭାରତର ମହାଲେଖାକାର ନିୟନ୍ତ୍ରଣ ତଥା ମହାସମୀକ୍ଷକଙ୍କ ପ୍ରତିବେଦନରେ ସ୍ଥାନିତ ହେବାକୁ ଥିବା ପ୍ରସ୍ତାବିତ ଡ୍ରାଫ୍ଟ ସମୀକ୍ଷା ଅନୁଚ୍ଛେଦ ଗୁଡ଼ିକ ଉପରେ ଛଅ ସପ୍ତାହ ମଧ୍ୟରେ ଜବାବ ଦାଖଲ କରାଯିବା ଉଚିତ୍ ।

ଡ୍ରାଫ୍ଟ ସମୀକ୍ଷା ସିଦ୍ଧାନ୍ତଗୁଡ଼ିକ ଉପରେ ଧ୍ୟାନ ଆକର୍ଷଣ ସହିତ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଜବାବ ଉପସ୍ଥାପନ ପାଇଁ ଅନୁରୋଧ ପୂର୍ବକ ସମୀକ୍ଷା ଅନୁଚ୍ଛେଦଗୁଡ଼ିକୁ ପ୍ରମୁଖ ସଚିବ/ ସଚିବଙ୍କ ନିକଟକୁ ପଠାଯାଇଥାଏ । ଏକଥା ମଧ୍ୟ ସେମାନଙ୍କୁ ବ୍ୟକ୍ତିଗତ ଭାବେ ଜଣାଇ ଦିଆଯାଏ ଯେ ବିଧାନ ସଭାରେ

ଉପସ୍ଥାପିତ ହେଉଥିବା ସିଏଜିଙ୍କ ସମୀକ୍ଷା ପ୍ରତିବେଦନରେ ଏହି ଅନୁଚ୍ଛେଦଗୁଡ଼ିର ସାମ୍ଭାବ୍ୟ ଅନ୍ତର୍ଭୁକ୍ତ ପରିପ୍ରେକ୍ଷୀରେ ସମୀକ୍ଷା ସିଦ୍ଧାନ୍ତ ଉପରେ ସେମାନେ ଦେଇଥିବା ମନ୍ତବ୍ୟ ସାମିଲ କରାଯିବ ।

ଏହି ପ୍ରତିବେଦନରେ ଅନ୍ତର୍ଭୁକ୍ତ ହେବାକୁ ଥିବା ଡ୍ରାଫ୍ଟ ଅନୁଚ୍ଛେଦଗୁଡ଼ିକୁ ଜୁଲାଇ 2020 ଏବଂ ଜୁନ 2021 ମଧ୍ୟରେ ଅର୍ଦ୍ଧ ସରକାରୀ ପତ୍ର ମାଧ୍ୟମରେ ସଂପୃକ୍ତ ବିଭାଗର ସଚିବମାନଙ୍କ ନିକଟକୁ ପଠାଯାଇଥିଲା । ସମୀକ୍ଷା ପ୍ରତିବେଦନ ସ୍ଥାନିତ ହୋଇଥିବା 12 ଟି ଡ୍ରାଫ୍ଟ ଅନୁଚ୍ଛେଦ ମଧ୍ୟରୁ 10 ଟି କ୍ଷେତ୍ରରେ ସଂପୃକ୍ତ ବିଭାଗ/ ନିର୍ଦ୍ଦେଶାଳୟ ଜବାବ ପ୍ରଦାନ କରିନଥିଲେ ।

ଯେଉଁ କ୍ଷେତ୍ରରେ ସଂପୃକ୍ତ ନିର୍ଦ୍ଦେଶାଳୟ/ ବିଭାଗଗୁଡ଼ିକର ଜବାବ ତଥା ପ୍ରାଥମିକ ଅଡିଟ୍ ମେମୋଗୁଡ଼ିକର ଜବାବ ପ୍ରାପ୍ତ ହୋଇଥିଲା, ସେଗୁଡ଼ିକ ଉପଯୁକ୍ତ ଭାବରେ ପ୍ରତିବେଦନରେ ସାମିଲ କରାଯାଇଛି ।

## 1.7 ସମୀକ୍ଷା ପ୍ରତିବେଦନଗୁଡ଼ିକର ଅନୁବର୍ତ୍ତୀ ପଦକ୍ଷେପ

ଭାରତର ସିଏଜିଙ୍କ ସମୀକ୍ଷା ପ୍ରତିବେଦନ ଗୁଡ଼ିକ ରାଜ୍ୟ ବିଧାନ ସଭାରେ ଉପସ୍ଥାପନ କରାଯିବା ପରେ ରାଜ୍ୟ ସରକାରଙ୍କ ବିଭାଗ ଗୁଡ଼ିକ ସମୀକ୍ଷା ମନ୍ତବ୍ୟର ଜବାବ ନିଜ ତରଫରୁ ତିନି ମାସ ମଧ୍ୟରେ ଦାଖଲ କରିବା ଆବଶ୍ୟକ । ସାଧାରଣ ଓ ସାମାଜିକ କ୍ଷେତ୍ର ଓ ସ୍ଥାନୀୟ ନିକାୟ ଉପରେ 2016-17 ପର୍ଯ୍ୟନ୍ତ ସିଏଜିଙ୍କ ପ୍ରତିବେଦନରେ ସ୍ଥାନ ପାଇଥିବା ଅନୁଚ୍ଛେଦ ଗୁଡ଼ିକର ପର୍ଯ୍ୟାଲୋଚନାରୁ ଜଣାଗଲା ଯେ ସେପ୍ଟେମ୍ବର 2020 ସୁଦ୍ଧା କୌଣସି ଜବାବ ଦାଖଲ ବାକି ନଥିଲା । 2007-08 ରୁ 2016-17 ଅବଧି ସମ୍ବନ୍ଧୀୟ 210 ଟି ଅନୁଚ୍ଛେଦ ମଧ୍ୟରୁ ପବ୍ଲିକ୍ ଆକାଉଣ୍ଟସ୍ କମିଟି (ପିଏସି ) ଦ୍ୱାରା 153 ଟି ଅନୁଚ୍ଛେଦ ଆଲୋଚନା ପାଇଁ ଚୟନ କରାଯାଇଥିଲା ।

ପିଏସି କାର୍ଯ୍ୟ ପଦ୍ଧତି ନିୟମ ଅନୁଯାୟୀ ରାଜ୍ୟ ବିଧାନ ସଭାରେ ଉପସ୍ଥାପିତ ପିଏସିଙ୍କ ରିପୋର୍ଟରେ କରାଯାଇଥିବା ସୁପାରିଶ ଗୁଡ଼ିକ ଉପରେ ପ୍ରଶାସନିକ ବିଭାଗ ବିହିତ କାର୍ଯ୍ୟାନୁଷ୍ଠାନ କରିବା ସହିତ ଚାରି ମାସ ମଧ୍ୟରେ ସୁପାରିଶ ଉପରେ ଗ୍ରହଣ କରାଯାଇଥିବା କିମ୍ବା ଗ୍ରହଣ କରିବାକୁ ଥିବା କାର୍ଯ୍ୟାନୁଷ୍ଠାନ ଉପରେ ମନ୍ତବ୍ୟ ରଖିବା ଆବଶ୍ୟକ ।

ବିଧାନ ସଭାରେ ଉପସ୍ଥାପିତ ପିଏସିଙ୍କର ଦୁଇଟି ରିପୋର୍ଟରେ[1] ସ୍ଥାନ ପାଇଥିବା 21 ଟି ଅନୁଚ୍ଛେଦ ଉପରେ ଛଅଟି ବିଭାଗ[2] ଦ୍ୱାରା ସେପ୍ଟେମ୍ବର 2020 ସୁଦ୍ଧା କାର୍ଯ୍ୟାନୁଷ୍ଠାନ ସମ୍ପର୍କିତ ମନ୍ତବ୍ୟ ରଖାଯାଇନଥିଲା । ଏହି ଦୁଇଟି ରିପୋର୍ଟରେ ଅସୁଲି, ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଇତ୍ୟାଦି ବିଷୟରେ ପିଏସି ପରାମର୍ଶ ପ୍ରଦାନ କରିଥିଲେ । କିଛି ଗୁରୁତ୍ୱପୂର୍ଣ୍ଣ ମାମଲା ***ପରିଶିଷ୍ଟ 1.5*** ରେ ଦର୍ଶାଯାଇଛି ।

ପିଏସିଙ୍କ ସୁପାରିଶ ଉପରେ ପ୍ରଶାସନିକ ବିଭାଗ ଦ୍ୱାରା ଗ୍ରହଣ କରାଯାଇଥିବା କାର୍ଯ୍ୟାନୁଷ୍ଠାନ ତଥାପି ଅପର୍ଯ୍ୟାପ୍ତ ଓ ଅସମ୍ପୂର୍ଣ୍ଣ ଥିବା ଜଣାପଡ଼ିଥିଲା ।

## 1.8 ଅନୁପାଳନ ସମୀକ୍ଷା ସମୟରେ ଗୁରୁତ୍ୱପୂର୍ଣ୍ଣ ଅଡିଟ୍ ପର୍ଯ୍ୟବେକ୍ଷଣ

ଅଡିଟ୍ ସମୟରେ ଗୁରୁତ୍ୱପୂର୍ଣ୍ଣ ତ୍ରୁଟିଗୁଡ଼ିକ ସହିତ ସରକାରୀ ଅର୍ଥର ତୋଷରପାତ, ରାଜସ୍ୱ ହ୍ରାସ, ସମ୍ପତ୍ତିର ନିଷ୍କ୍ରିୟତା, ଅପଚୟ ଖର୍ଚ୍ଚ ଇତ୍ୟାଦି ବିଭିନ୍ନ ବିଭାଗଗୁଡ଼ିକରେ ଦେଖାଯାଇଥିଲା, ଯାହାକି ରାଜ୍ୟ ସରକାରଙ୍କ

---

1 16 ତମ ପିଏସି ରିପୋଟ 2018-19 ଏବଂ 17 ତମ ପିଏସି ରିପୋର୍ଟ 2018-19

2 ଗୃହ (1), ପଞ୍ଚାୟତି ରାଜ ଓ ପାନୀୟ ଜଳ (2), ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା (2), ଗ୍ରାମ୍ୟ ଉନ୍ନୟନ (14), ଉଚ୍ଚ ଶିକ୍ଷା (1), ବିଜ୍ଞାନ ଓ ବୈଷୟିକ ଜ୍ଞାନ (1)

କାର୍ଯ୍ୟ ଦକ୍ଷତାକୁ ପ୍ରଭାବିତ କରିଥିଲା । ଏହି ଗୁରୁତ୍ୱପୂର୍ଣ୍ଣ ଅଡିଟ୍ ଫଳାଫଳ ଗୁଡ଼ିକ ଅଧ୍ୟାୟ-II ରେ ପ୍ରତିବେଦିତ ହୋଇଛି । ଏହି ସମ୍ବନ୍ଧୀୟ ମୁଖ୍ୟ ମନ୍ତବ୍ୟ ଗୁଡ଼ିକ ନିମ୍ନରେ ଦର୍ଶାଯାଇଛି:

### 1.8.1 ରାଜ୍ୟରେ ସହରାଞ୍ଚଳର ଜଳ ଗୁଣବତ୍ତା ପରିଚାଳନା

ନୀତି ପ୍ରଣୟନର ଛଅ ବର୍ଷ ପରେ ମଧ୍ୟ ଭିତ୍ତିଭୂମି ଓ ମାନବ ସମ୍ବଳ ସୃଷ୍ଟି ହୋଇନପାରିବା ହେତୁ ଜଳନୀତି 2013 ରେ ବ୍ୟବସ୍ଥିତ, 2016-17 ସୁଦ୍ଧା ଶତପ୍ରତିଶତ ଜଳ ଗୁଣବତ୍ତା ଲକ୍ଷ୍ୟ ଅପୂରଣୀୟ ରହିଥିଲା ।

ରାସାୟନିକ ରିଏଜେଣ୍ଟ୍ ଏବଂ କାର୍ଯ୍ୟ ପରିଚାଳନା ପାଇଁ କର୍ମଚାରୀ ବ୍ୟବସ୍ଥା ବିନା ଯନ୍ତ୍ରପାତି କ୍ରୟ କରାଯିବା ଦ୍ୱାରା 1.43 କୋଟି ଟଙ୍କାର ଯନ୍ତ୍ରପାତି ବ୍ୟବହୃତ ନ ହୋଇ ପଡ଼ିରହିଥିଲା, ଯାହାକି ଗୁଣଯୁକ୍ତ ପାନୀୟ ଜଳର ବିଶ୍ଳେଷଣକୁ ପ୍ରଭାବିତ କରିଥିଲା ।

ନିୟମିତ ବ୍ୟବଧାନରେ ଜଳର ନମୁନା ପରୀକ୍ଷାର ସ୍ୱଳ୍ପତା 2016-19 ଅବଧିରେ 71 ରୁ 99 ପ୍ରତିଶତ ରହିଥିଲା ।

ରାଜ୍ୟ ଜଳ ପରୀକ୍ଷା ଲାବୋରେଟୋରୀ ଦ୍ୱାରା ନଅଟି ଜନସ୍ୱାସ୍ଥ୍ୟ (ପିଏଚ୍) ବିଭାଜନ ଅନ୍ତର୍ଗତ ପ୍ରତ୍ୟେକ ଉତ୍ସର ଜଳ ନମୁନା ପରୀକ୍ଷା କରାଯାଇନଥିବା ହେତୁ ନଳକୂପ ଏବଂ ଅନ୍ୟାନ୍ୟ ଉତ୍ସଗୁଡ଼ିକର ଜଳକୁ ବିଶ୍ଳେଷଣ କରାଯାଇ ନଥିଲା । ନମୁନା ଜନ ସ୍ୱାସ୍ଥ୍ୟ ବିଭାଜନ ଗୁଡ଼ିକରେ ପରୀକ୍ଷା ଫଳାଫଳ ଭିତ୍ତିରେ ପ୍ରତିକାରାତ୍ମକ ପଦକ୍ଷେପ ପର୍ଯ୍ୟାପ୍ତ ନଥିଲା ।

ଜଳର ଭୌତିକ, ରାସାୟନିକ ଓ ଜୀବାଣୁ, ଧାତବ ଏବଂ କୀଟନାଶକ ପାରାମିଟର ଗୁଡ଼ିକର ନିୟମିତ ପରୀକ୍ଷା ଅଭାବରୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣକୁ ସୁନିଶ୍ଚିତ କରାଯାଇପାରି ନଥିଲା ।

କୌଣସି ଜଳ ପରୀକ୍ଷା ଲାବୋରେଟୋରୀ ସ୍ୱୀକୃତି ପ୍ରାପ୍ତ ହୋଇନଥିବା ବିଷୟ ସୂଚାଉଥିଲା ଯେ ପାନୀୟ ଜଳରେ ବିଆଇଏସ୍ ଚିହ୍ନିତ ପାରାମିଟର ଭିତ୍ତିରେ ପାନୀୟ ଜଳର ଗୁଣବତ୍ତା ମାନ ସମ୍ବନ୍ଧରେ କାର୍ଯ୍ୟ କରିବା ନିମନ୍ତେ ଆବଶ୍ୟକୀୟ ପରିଚାଳନାଗତ ଓ ବୈଷୟିକ କର୍ମଚାରୀଙ୍କ ଉପଲବ୍ଧତା ବିଷୟରେ ନିଶ୍ଚିତତାର ଅଭାବ ଥିଲା ।

***(ଅନୁଚ୍ଛେଦ 2.1)***

### 1.8.2 ଦେବୋତ୍ତର ଆୟୋଗଙ୍କ ଦ୍ୱାରା ରାଜ୍ୟର ଧାର୍ମିକ ଅନୁଷ୍ଠାନ ଗୁଡିକର ପରିଚାଳନା

ଧାର୍ମିକ ଅନୁଷ୍ଠାନ (ଆରଆଇ) ଗୁଡ଼ିକର ପରିଚାଳନା ପାଇଁ ଓଡ଼ିଶା ହିନ୍ଦୁ ଧାର୍ମିକ ଦେବୋତ୍ତର (ଓଏଚ୍ଆର୍ଇ) ଅଧିନିୟମ ବ୍ୟବସ୍ଥିତ ଆନୁଷ୍ଠାନିକ ବ୍ୟବସ୍ଥା ଗୁଡ଼ିକ କାର୍ଯ୍ୟକାରୀ କରାଯାଇନଥିଲା । 13 ଟି ନମୁନା ଧାର୍ମିକ ଅନୁଷ୍ଠାନ ସମ୍ପତ୍ତି ରେଜିଷ୍ଟର, ଅଳଙ୍କାର ରେଜିଷ୍ଟର, କ୍ୟାସ୍ ବୁକ୍ ଲେଜର, ଇତ୍ୟାଦି ଭଳି ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜଗୁଡ଼ିକର ପ୍ରଚଳନ କରିନଥିଲେ । 13 ଟି ମଧ୍ୟରେ କେବଳ ସାତଟି ଆର୍ଆଇ 2016-17 ରୁ 2019-20 ବର୍ଷ ଗୁଡ଼ିକ ପାଇଁ ସେମାନଙ୍କର ବଜେଟ୍ ସଂପୃକ୍ତ ସହକାରୀ ଦେବୋତ୍ତର କମିଶନରଙ୍କ ନିକଟକୁ ପଠାଇଥିଲେ । ତେବେ ସେଗୁଡ଼ିକର ଅନୁମୋଦନ ନଥିଭୁକ୍ତ ହୋଇନଥିଲା । ସେହିପରି ଭାବରେ 2016-19 ଅବଧିରେ 39.82 କୋଟି ଟଙ୍କା ଆୟ ଏବଂ 17.21 କୋଟି ଟଙ୍କା ବ୍ୟୟ କରିଥିବା 12 ଟି ନମୁନା ଆର୍ଆଇ ଅଧିନିୟମ ଆଧାରରେ ବାର୍ଷିକ ଆୟ ଓ ବ୍ୟୟ ହିସାବ ପ୍ରସ୍ତୁତ କରିନଥିଲେ ।

ଟ୍ରଷ୍ଟ ବୋର୍ଡର ଅସ୍ତିତ୍ୱ ନଥିବା କିମ୍ବା ସେଗୁଡ଼ିକ କାର୍ଯ୍ୟକାରୀ ନହେବା ଫଳରେ ଆର୍ଆଇ ଗୁଡ଼ିକର ସମ୍ପତ୍ତି, ମୂଲ୍ୟବାନ ସାମଗ୍ରୀ ଓ ରାଜସ୍ୱର ସଠିକ ପରିଚାଳନା କରାଯାଇ ନଥିଲା । ଆର୍ଆଇ ଗୁଡ଼ିକର ଅର୍ଥର ସନ୍ଦେହଜନକ ଅପବ୍ୟୟ ଅଡିଟ୍ ଦୃଷ୍ଟିକୁ ଆସିଥିଲା । ଦୁଇଟି ଆର୍ଆଇରେ 74.53 ଲକ୍ଷ ଟଙ୍କା ଅପବ୍ୟୟ ହୋଇଥିବା ବିଷୟ ସନ୍ଦେହ ଘେରରେ ଥିଲା । ଏହି ବିଷୟ ଅଡିଟ୍ ଦ୍ୱାରା ଉନ୍ମୋଚିତ କରାଯିବା ପରେ, ଓଡ଼ିଶା ସରକାରଙ୍କ ଆଇନ୍ ବିଭାଗ ଅଧିକତର ଅନୁସନ୍ଧାନ ପାଇଁ ଏହି ମାମଲାକୁ ଓଡ଼ିଶା ପୋଲିସର ଅର୍ଥନୈତିକ ଅପରାଧ ଶାଖାକୁ ହସ୍ତାନ୍ତର କରିଥିଲେ (ଜାନୁଆରୀ 2020) ।

ଅଳଙ୍କାର ଗୁଡ଼ିକର ରକ୍ଷଣାବେକ୍ଷଣ ନିମନ୍ତେ କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ପରିଚାଳନା ଟ୍ରଷ୍ଟ ମିଳିତ ଭାବରେ ଉତ୍ତରଦାୟୀ ଥିବା ନଅଟି ଆର୍‌ଆଇରେ ମିଳିତ ବସ୍ତୁଗତ ନିରୀକ୍ଷଣ ସମୟରେ ଦେଖାଗଲା ଯେ 24.5 କିଲୋଗ୍ରାମ ସୁନା ମଧ୍ୟରୁ 9.3 କିଲୋଗ୍ରାମ (38 ପ୍ରତିଶତ) ଏବଂ 284.55 କିଲୋଗ୍ରାମ ରୁପା ମଧ୍ୟରୁ 139.58 କିଲୋଗ୍ରାମ (49 ପ୍ରତିଶତ) ସେବକ ଏବଂ କାର୍ଯ୍ୟାଳୟ କର୍ମଚାରୀଙ୍କ ନିକଟରେ ଥିଲା । ଅନଧିକୃତ ହେପାଜତରେ ଥିବା ଅଳଙ୍କାର ଗୁଡ଼ିକର ମୂଲ୍ୟ 4.73 କୋଟି ଟଙ୍କା ଥିଲା । 60.07 ଲକ୍ଷ ଟଙ୍କା ମୂଲ୍ୟର 823.334 ଗ୍ରାମ ସୁନା ଏବଂ 53,595.84 ଗ୍ରାମ ରୁପା କମ୍ ଥିବା ଅଡିଟରେ ଲକ୍ଷ୍ୟ କରାଯାଇଥିଲା ।

ଆର୍‌ଆଇଗୁଡ଼ିକର ଟ୍ରଷ୍ଟ ବୋର୍ଡ ଗୁଡ଼ିକ ଜମିର ଜବର ଦଖଲ ବିଷୟ ଇସିଙ୍କୁ ଅବଗତ କରାଇନଥିଲେ । ଯାହାଫଳରେ ଓଏଚ୍‌ଆର୍‌ଇ ଅଧିନିୟମର ଧାରା 25 ରେ ବ୍ୟବସ୍ଥିତ ବହିଷ୍କାର ପ୍ରକ୍ରିୟା ସଂପୃକ୍ତ କୌଣସି ଆର୍‌ଆଇରେ ମାର୍ଚ୍ଚ 2020 ପର୍ଯ୍ୟନ୍ତ ଆରମ୍ଭ କରାଯାଇ ନଥିଲା ।

ଆର୍‌ଆଇ ଗୁଡ଼ିକ ବ୍ୟବସାୟିକ ସ୍ଥଳୀ ଗୁଡ଼ିକୁ ଭଡ଼ା ସୂତ୍ରରେ ଦେଇଥିବା କଥା ଅଡିଟ୍ ଲକ୍ଷ୍ୟ କରିଥିଲେ । କିନ୍ତୁ ବ୍ୟବସାୟିକ ସ୍ଥଳ ଗୁଡ଼ିକୁ ଭଡ଼ା ସୂତ୍ରରେ ଦେବାର ପଦ୍ଧତି ବିଷୟରେ ଯୋଜନା ଗୁଡ଼ିକ ନୀରବ ଥିଲେ । ଏହିପରି ଭାବରେ, ଭଡ଼ା ଦେବା ସମୟରେ ଭଡ଼ାଟିଆ ମାନଙ୍କ ସହିତ ରାଜିନାମା ସ୍ୱାକ୍ଷର, ପ୍ରଚଳିତ ଦର ଆଧାରରେ ଭଡ଼ା ସ୍ଥିର ଓ ଏହାର ସାମୟିକ ସଂଶୋଧନ ଭଳି ସାଧାରଣ ବ୍ୟବସାୟିକ ବିଜ୍ଞତା ପାଳନ ନ କରିବା ସହିତ ଯୋଜନା ଗୁଡ଼ିକରେ ବ୍ୟବସାୟିକ ସ୍ଥଳ ଗୁଡ଼ିକୁ ଭଡ଼ା ସୂତ୍ରରେ ଦେବା ପାଇଁ କୌଣସି ବ୍ୟବସ୍ଥା ନଥିବା ଫଳରେ ତିନୋଟି ଆର୍‌ଆଇରେ 4.38 କୋଟି ଟଙ୍କାର କ୍ଷତି ହୋଇଥିଲା ।

***(ଅନୁଚ୍ଛେଦ 2.2)***

### *1.8.3 ଅନ୍ୟାନ୍ୟ ଅନୁପାଳନ ସମୀକ୍ଷା ପର୍ଯ୍ୟବେକ୍ଷଣ*

- ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀଙ୍କର ଚାଉଳ ପରିବହନ ଓ ବିତରଣରେ ଅଦୂରଦର୍ଶୀତା ଏବଂ ଇଚ୍ଛାକୃତ ଅବହେଳାର ପରିଣାମ ସ୍ୱରୁପ 1.14 କୋଟି ଟଙ୍କା ମୂଲ୍ୟର 3,398.25 କ୍ୱିଣ୍ଟାଲ ଚାଉଳ ଆତ୍ମସାତ କରାଯାଇଥିଲା ।

- ବ୍ୟବସ୍ଥିତ ଜମି ଅଧିଗ୍ରହଣ ପ୍ରକ୍ରିୟାକୁ ଅନୁପାଳନ ନକରି ଏବଂ ଜମି ମାଲିକମାନଙ୍କୁ କ୍ଷତିପୂରଣ ପ୍ରଦାନ ନକରି କୋନାଲ ନିର୍ମାଣ ନିମନ୍ତେ 44.10 ଏକର ପରିମିତ ବେସରକାରୀ ଜମି ଅଧିଗ୍ରହଣ କରାଯିବା ଫଳରେ ଜମି ଅଧିଗ୍ରହଣ ଅଧିନିୟମର ଉଲ୍ଲଂଘନ ହେବା ସହିତ ସଂପୃକ୍ତ ଜମି ମାଲିକମାନଙ୍କର ସମ୍ପତ୍ତି ଅଧିକାରର ଅବମାନନା କରାଯାଇଥିଲା ।

- ବି.ଏଡ୍ କଲେଜର ଆବଶ୍ୟକତାକୁ ଆକଳନ କରିବାରେ ଅନୁସୂଚିତ ଜନଜାତି ଏବଂ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସଂପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ଏବଂ ବିଦ୍ୟାଳୟ ଏବଂ ଗଣ ଶିକ୍ଷା ବିଭାଗ ମଧ୍ୟରେ ସମନ୍ୱୟର ଅଭାବ ହେତୁ ମାଲକାନଗିରିରେ ଏକ ବି.ଏଡ୍ କଲେଜ ନିର୍ମାଣରେ 9.12 କୋଟି ଟଙ୍କାର ଅପବ୍ୟୟ ହୋଇଥିଲା ।

- କଂସେଇଗୃହକୁ କାର୍ଯ୍ୟକ୍ଷମ କରିବା ପାଇଁ ପଦ୍ଧତି ବିଷୟରେ ନିଷ୍ପତ୍ତି ନେବା ସମୟରେ ଭୁବନେଶ୍ୱର ମହାନଗର ନିଗମ ପରାମର୍ଶଦାତାଙ୍କ ପରାମର୍ଶକୁ ଧ୍ୟାନ ନ ଦେଇ ନିଜ ଇଚ୍ଛା ମୁତାବକ ପରିଚାଳିତ ହୋଇଥିଲେ । ଫଳସ୍ୱରୂପ, କଂସେଇଗୃହକୁ କାର୍ଯ୍ୟକ୍ଷମ କିରବା ପାଇଁ ଚାଳକ ଉପଲବ୍ଧ ହୋଇନଥିଲେ ଏବଂ 7.27 କୋଟି ଟଙ୍କା ବ୍ୟୟରେ ସୃଷ୍ଟି କରାଯାଇଥିବା ଭିତ୍ତିଭୂମି ଅକାମୀ ହୋଇ ପଡିରହିଥିଲା ।